ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ନଭେମ୍ବର ୧୯/୨୦୧୯ Sambalpur, Tuesday, November 19 / 2019

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ।
ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ଉଦିତ୍ ସାଗର


ମକରଧ୍ୱଜ


ତଥାଗତ


ସ୍ୱାଧୀନ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

■ଟୋକନ ବ୍ୟବସ୍ଥାକୁ ବିରୋଧ

# ସରକାରୀ ଅଫିସରେ ତାଲା ପକାଇଲେ ଚାଷୀ

ବରଗଡ଼ ଅଫିସ/ଅତାବିରା,୧୮।୧୧

ରାଜ୍ୟ ସରକାର ଚଳିତବର୍ଷ ଧାନ କିଣାବିକାରେ ଟୋକନ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରିଛନ୍ତି । ଏହି ବ୍ୟବସ୍ଥାକୁ ଉଚ୍ଛେଦ କରିବାକୁ ଚାଷୀମାନେ ଦାବି କରୁଥିବାବେଳେ ରାଜ୍ୟ ସରକାର ଏଥିପ୍ରତି ନିରବ ରହିଛନ୍ତି । ଫଳରେ ଚାଷୀ ଅସନ୍ତୋଷ ଆନ୍ଦୋଳନ ରୂପ ନେଇଛି । ଟୋକନ ବ୍ୟବସ୍ଥାକୁ ବିରୋଧ କରି ଚାଷୀମାନେ ବରଗଡ଼ ଜିଲାର ଅତାବିରା ବ୍ଲକ, ତହସିଲ, ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ), ଏନଏସି, ସହକାରୀ କୃଷି ଅଫିସରେ ତାଲା ପକାଇଛନ୍ତି । ସେହିପରି ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲି (ପ୍ୟାକ୍ସ)ରେ ମଧ୍ୟ ଚାଷୀମାନେ ତାଲା ପକାଇ ଧାରଣାରେ ବସିଛନ୍ତି। ରାଜ୍ୟ ସରକାର ଟୋକନ ବ୍ୟବସ୍ଥାକୁ ଉଚ୍ଛେଦ ନ କରିବା ଯାଏ ସେମାନେ ଧାନ ବିକ୍ରି କରିବେ ନାହିଁ ଏବଂ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି । ଖବର ପାଇ ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଡନସନା, ସହକାରୀ ସମବାୟ ନିବନ୍ଧକ ଶରତ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଅତାବିରାରେ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ । ମାତ୍ର ଆଲୋଚନା ଫଳପ୍ରଦ ହୋଇ ନ ଥିଲା । ମଙ୍ଗଳବାରଠାରୁ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଥିଲେ। କଟାପାଲିରେ ଅରୁଣ ସାହୁ, ସୁଦାମ ସାହୁ, ପୌଲସ୍ତି ପ୍ରଧାନ, କମଳ ପ୍ରଧାନ ପ୍ରମୁଖ ନେତୃତ୍ୱ ନେଉଥିବାବେଳେ ଅତାବିରାରେ ରବିନ୍ଦ୍ର ବିଶି, ବିରେନ୍ଦ୍ର କର, ଦୟାସାଗର ମେଣ୍ଡଲି ପ୍ରମୁଖଙ୍କ ନେତୃତ୍ୱରେ ଆନ୍ଦୋଳନ ଚାଲିଛି ।


କଟାପାଲିରେ ପ୍ୟାକ୍ସରେ ତାଲା ପକାଇ ଚାଷୀଙ୍କ ଧାରଣା ।

ସୂଚନାଯୋଗ୍ୟ, ଗତ ଅକ୍ଟୋବର ୩୧ତାରିଖରେ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟି ବୈଠକ ବସିଥିଲା । ସେତେବେଳେ ଟୋକନ ବ୍ୟବସ୍ଥାରେ ଧାନ କିଣାବିକା ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ମାତ୍ର ସେଠାରେ ଚାଷୀମାନେ ଟୋକନ ବ୍ୟବସ୍ଥାକୁ ବିରୋଧ କରିଥିଲେ । ଚାଷୀଙ୍କ ବିରୋଧ ସତ୍ତ୍ୱେ ଟୋକନ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇ ନ ଥିଲା । ଫଳରେ ମଣ୍ଡି ଖୋଲିବା ଦିନଠାରୁ ଧାନ କିଣାବିକାରେ ଅଚଳାବସ୍ଥା ସୃଷ୍ଟି ହୋଇଛି ଏବଂ ମଣ୍ଡି ଖୋଲିବାର ୩ ଦିନ ବିତିଯାଇଥିବା ସତ୍ତ୍ୱେ ବସ୍ତାଟିଏ ଧାନ ବିକ୍ରି ହୋଇପାରିନାହିଁ। ସେହିପରି ଟୋକନ ବ୍ୟବସ୍ଥା ଉଚ୍ଛେଦ ଦାବି କରି ରବିବାର ପଶ୍ଚିମ ଓଡ଼ିଶାର ବରଗଡ଼, ବଲାଙ୍ଗୀର, ସୋନପୁର, ସମ୍ବଲପୁର ଜିଲାର ଚାଷୀମାନେ ଅତାବିରା ବ୍ଲକ ଗୋଡ଼ଭଗାଠାରେ ଏକାଠି ହୋଇଥିଲେ। ସେଠାରେ ଅନୁଷ୍ଠିତ ଚାଷୀ ସମାବେଶରେ ଟୋକନ ବ୍ୟବସ୍ଥା ଉଚ୍ଛେଦ କରିବାକୁ ଦାବି କରିଥିଲେ ଏବଂ ଏଥିପାଇଁ ରାଜ୍ୟ ସରକାର ତଥା ଜିଲା ପ୍ରଶାସନକୁ ଦିନଟିଏ ମହଲତ୍ ଦେଇଥିଲେ। ମାତ୍ର ଟୋକନ ବ୍ୟବସ୍ଥା ଉଚ୍ଛେଦ ନ ହେବାରୁ ସୋମବାର ଜିଲାରେ ଚାଷୀ ଆନ୍ଦୋଳନ ତେଜି ଉଠିଛି ।

# ଧାନ ଗାଡ଼ି ରଖି ଜିଲାପାଳଙ୍କ ଅଫିସ ଗେଟ୍ ବନ୍ଦ କରିଦେଲେ

ସମ୍ବଲପୁର,୧୮।୧୧(ବ୍ୟୁରୋ)

ସମ୍ବଲପୁର ଜିଲା ପ୍ରଶାସନ ଧାନ କିଣାକୁ ନେଇ ଚାଷୀଙ୍କ ଆକ୍ରୋଶର ଶିକାର ହୋଇଛି। ଜିଲାସ୍ତରୀୟ ଧାନ ସଂଗ୍ରହ ବୈଠକରୁ ପ୍ରଶାସନକୁ ଚାଷୀ ଟାର୍ଗେଟ କରିଛନ୍ତି। ସୋମବାର ଜିଲା କୃଷକ ସଙ୍ଗଠନ ଡାକରାରେ ଚାଷୀମାନେ ଆନ୍ଦୋଳନ କରିଛନ୍ତି। ସରକାର ଓ ପ୍ରଶାସନକୁ ଦେଇଥିବା ସମୟ ସରିବା ପରେ ଚାଷୀ ପ୍ରତିକ୍ରିୟାଶୀଳ ହୋଇ ଉଠିଛନ୍ତି। ଟୋକନ୍ ବ୍ୟବସ୍ଥା ଓ ଧାନ ସଂଗ୍ରହ ନୀତିରେ ପରିବର୍ତ୍ତନ କରିବାକୁ ଚାଷୀ ପ୍ରଶାସନ ପାଖରେ ଦାବି କରିଥିଲେ। ଏଥିପାଇଁ ସୋମବାର ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ସମୟ ଦେଇଥିଲେ। ହେଲେ ସରକାର କି ଜିଲା ପ୍ରଶାସନ ଶୁଣିଲେ ନାହିଁ। ତେଣୁ ପୂର୍ବ ନିଷ୍ପତ୍ତି ଓ ଘୋଷଣା ମୁତାବକ ସୋମବାର ଅପରାହ୍ନ ୧ଟାରେ ୫ଟି ଗାଡିରେ ଧାନ ଧରି ଚାଷୀ ଜିଲାପାଳଙ୍କ ଅଫିସରେ ଆଗରେ ପହଞ୍ଚି ଥିଲେ। ପୋଲିସ ବାଧା ଦେଇଥିଲା। କିନ୍ତୁ କୌଣସି ଚାଷୀ ଜିଲାପାଳଙ୍କ ଅଫିସ ପରିସରକୁ ଯିବେ ନାହିଁ। କେବଳ ଧାନ ଗାଡି ଯିବ ବୋଲି ପୋଲିସକୁ ଚାଷୀ ଅନୁରୋଧ କରିଥିଲେ । ପୋଲିସ କିନ୍ତୁ ଚାଷୀଙ୍କ କୌଣସି କଥା ଶୁଣି ନ ଥିଲା। ଉପଜିଲାପାଳ ଅନିରୁଦ୍ଧ ପ୍ରଧାନଙ୍କୁ ୧୫ ମିନିଟ ଭିତରେ ସମାଧାନ କର ନ ହେଲେ ଜିଲାପାଳଙ୍କ ଅଫିସର ସମସ୍ତ ଗେଟ୍ ଆଗରେ ଧାନ ଗାଡି ରଖି ବନ୍ଦ କରିଦିଆଯିବ ବୋଲି ଚାଷୀମାନେ ଚେତାବନୀ ଦେଇଥିଲେ। ଉପଜିଲାପାଳ କିନ୍ତୁ ହାତ ଟେକି ଦେଇଥିଲେ। ଏଣୁ ୨ଟି ଧାନ ବସ୍ତା ଭର୍ତ୍ତି ଟ୍ରାକ୍ଟର ଜିଲାପାଳଙ୍କ ଅଫିସର ମୁଖ୍ୟ ଗେଟ୍‌ରେ ଓ ଆଉ ୨ଟି ଗାଡିକୁ ପଛପଟ ଗେଟ୍‌ରେ ରଖି ଚାଷୀ ଜିଲାପାଳଙ୍କ ଅଫିସକୁ ରାସ୍ତା ବନ୍ଦ କରି ଦେଇଥିଲେ । ଏହାକୁ ନେଇ ପୋଲିସ ସହ ଚାଷୀଙ୍କ ଧସ୍ତାଧସ୍ତି ହୋଇଥିଲା। ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ଚାଷୀଙ୍କୁ ଅଟକାଇ ନ ପାରି ଘାଇଲା ହୋଇଥିଲେ । ଅବଶ୍ୟ ଅପରାହ୍ନ ୫ଟା ଅଫିସ ପରେ ଧାନ ଗାଡି ଗୁଡିକ ଚାଷୀ ହଟାଇ ଦେଇଥିଲେ।

ଏ ସମ୍ପର୍କରେ ପଶ୍ଚିମ ଓଡିଶା କୃଷକ ସଙ୍ଗଠନ ଆବାହକ ଅଶୋକ ପ୍ରଧାନ କହିଛନ୍ତି ଯେ, ଚାଷୀ ସଙ୍ଗଠନ ପକ୍ଷରୁ ସରକାର ଓ ପ୍ରଶାସନକୁ ସୋମବାର ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା। ହେଲେ ସରକାର କି ପ୍ରଶାସନ କିଛି କରି ପାରିଲା ନାହିଁ । ତେଣୁ ଚାଷୀ ଶାନ୍ତିପୂର୍ଣ୍ଣଭାବେ ଆନ୍ଦୋଳନ କରିଛନ୍ତି। ପ୍ରଶାସନର ଦାୟିତ୍ୱ ହେଉଛି ଚାଷୀଙ୍କ ଧାନ କିଣିବା। ତେଣୁ ଜିଲା ମୁଖିଆଙ୍କ କାର୍ଯ୍ୟାଳୟକୁ ଧାନ ନିଆଯାଉଥିଲା। ହେଲେ ପୋଲିସ ଅଟକାଇବାରୁ ଗେଟ୍‌ରେ ଗାଡିଗୁଡିକ ଛିଡା କରିଦିଆଗଲା । ଏହି ଆନ୍ଦୋଳନ ଜାରି ରହିବ। ଅନ୍ୟପକ୍ଷେ ବରେଇପାଲି ମାର୍କେଟୟାର୍ଡ ନିକଟରେ ରାସ୍ତା ଅବରୋଧ କରିବା ପାଇଁ ସ୍ଥିର କରାଯାଇଛି ବୋଲି ସେ କହିଛନ୍ତି। ଅବଶ୍ୟ ଯୋଗାଣ ବିଭାଗ କହିଛି, ବିଭାଗ ପକ୍ଷରୁ ପ୍ରସ୍ତୁତି ସରିଛି। ପ୍ରାୟ ୬ ହଜାରରୁ ଅଧିକ ଚାଷୀଙ୍କୁ ଟୋକନ ଦିଆଯାଇଛି। ସମ୍ବଲପୁର ସବ୍ ଡିଭିଜନରେ ୨୭ଟି ମାକେଟୟାର୍ଡ ଓ କ୍ରୟ କେନ୍ଦ୍ର ଖୋଲା ଯାଇଛି। ଜିଲାପାଳ ଶୁଭମ୍ ସକ୍‌ସେନା କହିଛନ୍ତି, ଟୋକନ୍ ବ୍ୟବସ୍ଥା ସରକାର ସ୍ଥିର କରିଛନ୍ତି । ଯଦି ତ୍ରୁଟି ରହିଛି ସଂଶୋଧନ କରାଯିବ । ଧାନ ସଂଗ୍ରହ ପାଇଁ ସମବାୟ ସମିତି ଓ ଯୋଗାଣ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଉଛି। ମିଲର୍ସଙ୍କ ସହ ଚୁକ୍ତି ହୋଇଛି । ଚାଷୀମାନଙ୍କ ସହ ମଧ୍ୟ ଆଲୋଚନା କରାଯିବ।


ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାନଗାଡି ରଖି ଚାଷୀମାନେ ଆନ୍ଦୋଳନ କରୁଛନ୍ତି ।

## ସମ୍ବଲପୁରରେ ବି ଉତ୍ତେଜନା

ବଣାଇ ନାବାଳିକା ଗଣବଳାତ୍କାର ଘଟଣା

# ଓଏଚ୍ଆର୍‌ସିରେ ମାମଲା ରୁଜୁ

କଟକ ଅଫିସ,୧୮।୧୧

ସୁନ୍ଦରଗଡ଼ ଜିଲା ବଣାଇ ଉପଖଣ୍ଡ ଲହୁଣୀପଡ଼ା ଥାନା ଅନ୍ତର୍ଗତ ଟେନ୍‌ସା ବସ୍ତିରେ ଶୁକ୍ରବାର ଘଟିଥିବା ନାବାଳିକା ଗଣବଳାତ୍କାର ଘଟଣାକୁ ନେଇ ରାଜ୍ୟ ମାନବାଧିକାର କମିଶନ(ଓଏଚ୍ଆରସି)ଙ୍କ ନିକଟରେ ଏକ ମାମଲା ରୁଜୁ ହୋଇଛି। ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସ ପୀଡ଼ିତାଙ୍କୁ କ୍ଷତିପୂରଣ ପ୍ରଦାନ ଏବଂ ମାମଲା ରୁଜୁ କରିବାକୁ ମନା କରିଥିବା ପୋଲିସ ଅଧିକାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସୋମବାର ଏହି ପିଟିଶନରେ ପ୍ରାର୍ଥନା କରିଛନ୍ତି। ଓଏଚ୍ଆରସି ଆବେଦନକାରୀଙ୍କ ଆବେଦନ ଗ୍ରହଣ କରିବା ସହ ମାମଲା(ନଂ.୧୩୯୯୪/୨୦୧୯) ରୁଜୁ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ଗତ ଶୁକ୍ରବାର ଏକ ନିର୍ବନ୍ଧ ଉତ୍ସବରେ ଯୋଗଦେବା ପାଇଁ ଉକ୍ତ ଅଞ୍ଚଳର ନାବାଳିକା ଯାଇଥିଲେ। ଜଣେ ନାବାଳକ ତାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଟେନ୍‌ସା ଡାକବଙ୍ଗଳା ନିକଟକୁ ନେଇ ଯାଇଥିଲେ। ପରେ ସେଠାରେ ଆଉ ୨ଜଣ ପହଞ୍ଚିବା ପରେ ପୀଡ଼ିତାଙ୍କୁ ସମସ୍ତେ ମିଶି ବଳାତ୍କାର କରିଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ପରିବାର ଲୋକେ ଜାଣିବା ପରେ ଟେନ୍‌ସା ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାକୁ ଗୁରୁତ୍ୱ ନ ଦେବାରୁ ସ୍ଥାନୀୟ ଅଞ୍ଚଳର ମହିଳାମାନେ ଫାଣ୍ଡି ଆଗରେ ବିକ୍ଷୋଭ କରିଥିଲେ। ପରେ ପୋଲିସ ଏକ ମାମଲା ରୁଜୁ କରିବା ସହ ୨ଜଣ ନାବାଳକ ସହ ଜଣେ ଯୁବକଙ୍କୁ ଧରିଥିଲା। ଏହି ଘଟଣାକୁ ନେଇ ମାନବାଧିକାର କର୍ମୀ ଦାସ ଓଡ଼ିଶା ପୀଡ଼ିତା କ୍ଷତିପୂରଣ ଯୋଜନା-୨୦୧୮ ଅନୁଯାୟୀ, ୧୦ଲକ୍ଷ ଟଙ୍କା ପୀଡ଼ିତାଙ୍କୁ ପ୍ରଦାନ ଓ ଦାୟିତ୍ୱରେ ଅବହେଳା କରିଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଓଏଚ୍ଆରସିଙ୍କୁ ପ୍ରାର୍ଥନା କରିଛନ୍ତି।

## ଆଶ୍‌ରେ ରହିଗଲା ଭତା •

# ଆଏଁଖ୍ ମୁଜ୍‌ଲେ ଶହେ ବଛ୍‌ରିଆ ବୁଢ଼ୁଧ୍

ଚିପିଲିମା, ୧୮।୧୧(ଡି.ଏନ୍.ଏ.)

କେନ୍ଦ୍ର ଆର ରାଏଜ୍ ସରକାର ବୁଢ଼ାବୁଢ଼ି, ଦିବ୍ୟାଙ୍ଗ, ବିଧବା ମହିଲାମାନକୁ ଭତା ଯୁଗେଇ ଦେଉଛନ୍। ହେଲେ ଅନେକ ଜାଗାରେ ପରଶାସନିକ ଅଧିକାରୀ, କରମ୍‌ଚାରୀକର ଖାମଖିଆଲି ମନଭାବ ଲାଗି ହକ୍‌ଦାର ହିତାଧିକାରୀ ଯୋଜନାର ଲାଭ୍ ପାଏବାରୁ ବଁଚିତ୍ ହେଉଛନ୍। ସେନ୍‌ତା କେତେ ମରିପଛେ ଯାଉଛନ୍, ହେଲେ ମଲା ତକ୍ ଭତା ପାଇ ନାଇଁପାରବାର। ଏନ୍‌ତା ଗୁଟେ ତାଜା ଉଦାହରନ୍ ଦେଖିବାକେ ମିଲିଛେ ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ କର୍ଡ଼େଲା ପଁଚେତ୍ ବନ୍ଦପାଲି ବାଜୋଟିକ୍ରା ଗାଁରେ।

ପୂରବର ସୂଚନା ଅନ୍‌ସାରେ ବନ୍ଦପାଲି ବାଜୋଟିକ୍ରା ଗାଁର ବେଡ଼ା ସେଟ୍(୧୦୦) ଆର ତାକର ମାଏକିନା ବାରବାର ଭତାର ଲାଗି ଆବେଦନ କରି ନିରାଶ ହେଇଥିଲେ। ଦମ୍ପତି ନିହାତି ଗରିବ ହେଇଥିଲାବେଲେ ଅଭାବ ଅନାଟନ ଲାଗି ଉଷୋକଷା ବି ଘିନିକରି ଖାଇ ନାଇଁ ପାରୁଥାଇ। ଏନ୍‌ତାଥି ଗଲା ଶୁକୁରବାର ବେଡ଼ା ସେଟ୍ ସବୁଦିନର ଲାଗି ଆଏଁଖି ମୁଜିଦେଇଛନ୍। ସେନ୍‌ତା ଗାଁର ଆହୁରି ଅନେକ୍ ହକ୍‌ଦାର ହିତାଧିକାରୀ ଭତାରୁ ବଁଚିତ୍ ଥିବାର ଅଭିଯୋଗ କରିଥିଲେ। ସେମାନକର ଅଭିଯୋଗ ଅନ୍‌ସାରେ ଗାଁରେ ଅନେକ୍ ଅଲାଏକ୍ ଲୋକ୍ ଭତା ପାଉଥିଲାବେଲେ ହକ୍‌ଦାର ହିତାଧିକାରୀମାନେ ବଁଚିତ୍ ହେଇ ରହିଛନ୍। ଇ ବାବ୍‌ଦେ ଗଲା ଅକ୍ଟୋବର ୨୬ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ଶହେ ବଛ୍‌ରିଆ ବୁଢ଼ା ଭତାରୁ ବଁଚିତ୍' ଶୀରଷକ୍‌ରେ ଖବର ବାହାରିଥିଲା। ସେନ୍‌ତା ଇ ସମସିଆ ବାବ୍‌ଦେ ସେବେଲର ଏବିଡିଓ ସୁଶାନ୍ତ ପଣ୍ଡାକଁର ଦୁରୁଷ୍‌ଟି ଆକରଷନ୍ କରି ମତାମତ ନିଆଯାଇଥିଲା। ସେ କହିଥିଲେ ଯେ, ଘଟନାର ତଦଁତ୍ କରାଯିବା। ଅଲାଏକ୍ ଲୋକ୍ ଭତା ପାଉଥିଲେ ତାକର ବିରୋଧିନେ କଡ଼ା ପଦକ୍ଷେପ ନିଆଯିବା ଆର ହକ୍‌ଦାର ହିତାଧିକାରୀକୁଁ ଭତା ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି ସେ କହିଥିଲେ। ହେଲେ ଦୁଖର କଥା ଆଏଜ୍‌ତକ ଇ ଦିଗେ କେହେନ୍‌ସି ପରକାର ପଦକ୍ଷେପ ନାଇଁ ନିଆଯାଇ। ଥାନୀଅ ପରଶାସନ କର୍ଡେଲା ପଁଚେତ୍‌ରେ ଗୁଟେ ସର୍ଭେ କରି ହକ୍‌ଦାର ହିତାଧିକାରୀକୁଁ ଭତା ଯୁଗେଇ ଦେବାର ସଂଗେ ଭତା ପାଉଥିବାର ଅଲାଏକ୍ ହିତାଧିକାରୀକଁର ବିରୋଧିନେ କଡ଼ା ପଦକ୍ଷେପ ନେବାକେ ବୁଧିଜୀବୀ ମହଲରେ ଦାବି ହେଉଛେ।


ବେଡ଼ା ସେଟ୍ (ଫାଇଲ ଫଟୋ)




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

